# NATIONAL NEWS BULLETIN (ODIA)
## 10 April - 2025
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଭାରତ-ସ୍ଲୋଭାକ୍ ରିପବ୍ଲିକ୍ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କ ତଥା ବାଣିଜ୍ୟ କାରବାର ଅଧିକ ସଶକ୍ତ ହୋଇପାରିଛି, କହିଲେ ରାଷ୍ଟ୍ରପତି ।
- କମାଣ୍ଡ ଅଞ୍ଚଳ ବିକାଶ ଓ ଜଳ ପରିଚାଳନାର ଆଧୁନିକୀକରଣ ଦ୍ୱାରା ଜଳସେଚନ ନେଟ୍ୱର୍କକୁ ଅଧିକ ଚାଷୀ କୈନ୍ଦ୍ରିକ କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀଙ୍କ ମତବ୍ୟକ୍ତ ।
- ତାହାଉର୍ ରାଣାର ଭାରତ ପ୍ରତ୍ୟାବର୍ତ୍ତନକୁ ମୋଦୀ ସରକାରଙ୍କ ଏକ ବିପୁଳ କୂଟନୈତିକ ସଫଳତା ଭାବେ ଅଭିହିତ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଉପଭୋକ୍ତାଙ୍କ ସ୍ୱାର୍ଥର ହିତ ଲାଗି ନୂତନ ଆଧାର ନିୟମକୁ ଡିଜିଟାଲ୍ ବ୍ୟକ୍ତିଗତ ଡାଟା ସୁରକ୍ଷା ଆଇନ୍ ୨୦୨୩ ସହିତ ସମନ୍ୱୟ କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ।

ଏବଂ

- ଆଇପିଏଲ୍‌ର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୫୮ ରନ୍‌ରେ ପରାସ୍ତ କଲା ଗୁଜରାଟ ଟାଇଟନ୍ସ ।

# ପ୍ରେଜ୍-ସ୍ଲୋଭାକିଆ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ତାଙ୍କର ସ୍ଲୋଭାକ୍ ରିପବ୍ଲିକ୍ ପ୍ରତିପକ୍ଷ ପିଟର ପେଲେଗ୍ରିନିଙ୍କ ସହିତ ବ୍ରାଟିସ୍ଲାଭା ଠାରେ ଆପୋଷ ସ୍ୱାର୍ଥ ଜଡ଼ିତ କେତେକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ସମେତ ଦ୍ୱିପକ୍ଷିୟ ସମ୍ପର୍କର ବିଭିନ୍ନ ଦିଗରେ ଉପରେ ଏକ ପ୍ରତିନିଧିସ୍ତରୀୟ ଆଲୋଚନା କରିଛନ୍ତି । ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ରାଷ୍ଟ୍ରପତି ପେଲେଗ୍ରିନିଙ୍କର ବ୍ୟକ୍ତିଗତ ପ୍ରତିବଦ୍ଧତା ଏବଂ ଉଦ୍ୟମକୁ ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ଦୁଇ ଦେଶ ମିଳିତ ଭାବେ ଆନ୍ତର୍ଜାତିକ ସ୍ତରରେ ଉଦ୍ୟମ କରୁଛନ୍ତି । ଏତଦ୍ ବ୍ୟତୀତ ଭାରତ-ସ୍ଲୋଭାକିଆ ମଧ୍ୟରେ ବାଣିଜ୍ୟ କାରବାର ମଧ୍ୟ ଅଧିକ ସଶକ୍ତ ହୋଇପାରିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

**V/O- PRESIDENT-MURMU**

ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ

ସ୍ଲୋଭାକ୍ ରିପବ୍ଲିକ୍ର ପ୍ରଧାନମନ୍ତ୍ରୀ ରୋବର୍ଟ୍ ଫିକୋଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଜି ରାଷ୍ଟ୍ରପତି ସ୍ଲୋଭାକିଆ ସ୍ଥିତ ଜାଗଓ୍ୱାର୍ ଲାଣ୍ଡ ରୋଭର୍ ଫ୍ୟାକ୍ଟ୍ରି ସମେତ ଅନ୍ୟ କେତେକ ସ୍ଥାନ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍- କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କମାଣ୍ଡ ଅଞ୍ଚଳ ବିକାଶ ଏବଂ ଜଳ ପରିଚାଳନାର ଆଧୁନିକୀକରଣ ଦ୍ୱାରା ଜଳସେଚନ ନେଟ୍‌ଓ୍ୱର୍କକୁ ଅଧିକ ସୁସଂହତ କରାଯାଇ ପାରିବ । ଏହାଛଡ଼ା ଏ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ମଧ୍ୟ ପ୍ରୟୋଗ କରାଯାଇପାରିବ । ଗତକାଲି କେନ୍ଦ୍ର କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ ଏହି ଆଧୁନିକୀକରଣ ପ୍ରସ୍ତାବକୁ ମଞ୍ଜୁରୀ ଦେବା ପରେ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହା ଉଲ୍ଲେଖ କରିଛନ୍ତି । ଏହାଦ୍ୱାରା ଜଳ ବ୍ୟବହାରର ଉପଯୁକ୍ତ ପରିଚାଳନା କରାଯିବା ସହିତ ଅଧିକ ଅମଳ ହୋଇପାରିବ ଏବଂ ଚାଷୀମାନଙ୍କର ଆୟ ମଧ୍ୟ ବୃଦ୍ଧି ପାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଗତକାଲି କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ସମ୍ପର୍କରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ

ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, **V/O- VAISHNAV--KRISHI-SINCHAYEE-YOJANA**

## ଶାହା–ତାହାଉର୍

୨୦୦୮ ମୁମ୍ବାଇ ସନ୍ତ୍ରାସବାଦ ଆକ୍ରମଣର ଅଭିଯୁକ୍ତ ତାହାଉର୍ ରାଣାର ଭାରତ ପ୍ରତ୍ୟାବର୍ତ୍ତନକୁ ମୋଦୀ ସରକାରଙ୍କ ଏକ ବିପୁଳ କୂଟନୈତିକ ସଫଳତା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅଭିହିତ କରିଛନ୍ତି । ଗତକାଲି ଏକ ଘରୋଇ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଯେଉଁମାନେ ଭାରତର ଜନସାଧାରଣଙ୍କ ସହିତ ଦୁର୍ବ୍ୟବହାର କରିଛନ୍ତି, ସେମାନଙ୍କୁ  ଦେଶକୁ ଫେରାଇ ଆଣିବା ହେଉଛି କେନ୍ଦ୍ର ସରକାରଙ୍କ ପ୍ରାଥମିକ ଦାୟିତ୍ୱ । ତାହାଉର୍ ରାଣା ଭାରତୀୟ ଅଦାଲତରେ ବିଚାରର ସମ୍ମୁଖୀନ ହେବା ଦେଶ ଲାଗି ଏକ ବଡ଼ ସଫଳତା ବୋଲି ଶ୍ରୀ ଶାହା କହିଛନ୍ତି ।

**V/O- AMIT-SHAH—RANA**

# ଅଶ୍ୱିନୀ-ଆଧାର

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଉପଭୋକ୍ତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ନୂତନ ଆଧାର ନିୟମକୁ ଡିଜିଟାଲ୍ ବ୍ୟକ୍ତିଗତ ଡାଟା ସୁରକ୍ଷା ଆଇନ୍ ୨୦୨୩ ସହିତ ସମନ୍ୱୟ କରାଯିବ । ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ପୋଷ୍ଟ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଆଧାର ଆଇନ୍ କାର୍ଯ୍ୟକାରୀ ହେବା ସମୟରେ ଆଇନ୍‌ଗତ ବ୍ୟବସ୍ଥାରେ ପରିଲକ୍ଷିତ ହୋଇଥିବା କେତେକ ତ୍ରୁଟିକୁ ବର୍ତ୍ତମାନ ସଂଶୋଧିତ କରାଯାଇଛି । ଦେଶରେ ଗରିବ ଏବଂ ମଧ୍ୟବିତବର୍ଗର ଜନସାଧାରଣଙ୍କ ଜୀବନଧାରଣ ମାନରେ ସଂସ୍କାର ମୂଳକ ପରିବର୍ତ୍ତନ ଆଣିବା ଉପରେ ପ୍ରାଥମିକତା ଦେଇ ସରକାର କାର୍ଯ୍ୟ କରୁଛନ୍ତି । ଏହାର ଅଂଶସ୍ୱରୂପ ସରକାର ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ଶାହା-ଓଡ଼ିଶା କ୍ରିମିନାଲ୍ ଲ

ଓଡ଼ିଶାରେ ତିନୋଟି ନୂତନ ଅପରାଧିକ ଆଇନ୍‌କାର୍ଯ୍ୟକାରିତାର ଅଗ୍ରଗତି ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ନୂଆଦିଲ୍ଲୀ ଠାରେ ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ’ ଏହି ନୂତନ ଆଇନ୍ ଗୁଡ଼ିକୁ

ରାଜ୍ୟବ୍ୟାପି ସମସ୍ତ ପ୍ରଶାସନିକ ସ୍ତରରେ ଯେଭଳି ଶତପ୍ରତିଶତ କାର୍ଯ୍ୟକାରି କରାଯାଇପାରିବ ତାହା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଶ୍ରୀ ଶାହା ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି ।

ଏହି ବୈଠକରେ ନୂତନ ଅପରାଧିକ ଆଇନ୍‌ରେ ଥିବା ବିଭିନ୍ନ ଧାରାକୁ ପୋଲିସ୍, କାରାଗାର, ଅଦାଲତ, ବିଚାର ପ୍ରକ୍ରିୟା ଏବଂ ଫରେନ୍‌ସିକ୍ ପରୀକ୍ଷାଗାର ଆଦିରେ କିଭଳି କାର୍ଯ୍ୟକାରୀ ହୋଇଛି ଏବଂ ଏହାକୁ ଅଧିକ ସୁସଂହତ କରାଯିବା ଉପରେ  ଆଲୋଚନା କରାଯାଇଛି । ଶିଳ୍ପ ତଥା ବୈଷୟିକ ଜ୍ଞାନକୌଶଳ ଅଭିବୃଦ୍ଧି ଦିଗରେ ଓଡ଼ିଶା ଏକ ସମ୍ଭାବନାର ରାଜ୍ୟ ହୋଇଥିବା ଦୃଷ୍ଟିରୁ ସେଠାରେ ଆଇନ୍ ଶୃଙ୍ଖଳାକୁ ଅଧିକ ସଶକ୍ତ କରିବା ଦିଗରେ ଏହି ତିନୋଟି ନୂତନ ଅପରାଧିକ ଆଇନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଏଣିକି ରାଜ୍ୟରେ ଏହା କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ରାଜ୍ୟ ଗୃହ ସଚିବ ସାପ୍ତାହିକ ସମୀକ୍ଷା କରିବା ଉଚିତ୍ । ସେହିଭଳି ମୁଖ୍ୟ ଶାସନ ସଚିବ ଏବଂ ପୋଲିସ୍ ମହାନିର୍ଦ୍ଦେଶକ ଏହି ଅଗ୍ରଗତି ପ୍ରକ୍ରିୟାକୁ ପାକ୍ଷିକ ଭାବେ ଏବଂ ମୁଖ୍ୟମନ୍ତ୍ରୀ ମାସିକ ଭିତ୍ତିରେ ଏହାର ସମୀକ୍ଷା କରିବା ଉଚିତ୍ ବୋଲି ଶ୍ରୀ ଶାହା କହିଛନ୍ତି ।

# ପିଏମ୍‌-ୟୁପି ଆଣ୍ଡ ଏମ୍‌ପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଗସ୍ତ କରିବେ । ଏହି ଅବସରରେ ସେ ପ୍ରଥମେ ବାରାଣସୀ ଗସ୍ତ କରି ୩ହଜାର ୮୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ **ଆୟୁଷ୍ମାନ୍ ଭେ ବନ୍ଦନା କାର୍ଡ୍** ବଣ୍ଟନ କରିବେ । ଭିତ୍ତିଭୂମି ବିକାଶ ଦିଗରେ ସରକାରଙ୍କ ପ୍ରତିବର୍ଦ୍ଧତା ସ୍ୱରୂପ  ବରାଣସୀରେ ସଡ଼କ ସଂଯୋଗୀକରଣକୁ ଅଧିକ ସୁସଂହତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ସେଠାରେ କେତେକ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହାଛଡ଼ା ଶକ୍ତି କ୍ଷେତ୍ରରେ ମୌଳିକଢାଞ୍ଚାକୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୧ ହଜାର ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ୨ଟି ୪୦୦ କିଲୋ ଭୋଲ୍ଟ ଏବଂ ଗୋଟିଏ ୨୨୦ ଭୋଲ୍ଟ ଟ୍ରାନ୍ସମିଶନ୍ ସବ୍‌ଷ୍ଟେସନ୍‌କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ।

ଏହାପରେ ମଧ୍ୟପ୍ରଦେଶ ଗସ୍ତ କରି ଶ୍ରୀ ମୋଦୀ ଆନନ୍ଦପୁରଧାମ ଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ସ୍ଥାନୀୟ ଇଶାଗଡ଼ ସ୍ଥିତ ଗୁରୁଜୀ ମହାରାଜ ମନ୍ଦିରରେ ଏହି ଅବସରରେ ପ୍ରଧାନମନ୍ତ୍ରୀ ପୂଜାର୍ଚ୍ଚନା କରିବେ ବୋଲି ଜଣାପଡ଼ିଛି ।

# ଆଇପିଏଲ୍

ଆଇପିଏଲ୍‌ରେ ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ରାଜସ୍ଥାନ ରୟାଲ୍ସକୁ ୫୮ରନ୍‌ରେ ପରାସ୍ତ କରିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଗତକାଲି ରାତିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଗୁଜରାଟ ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୨୧୭ରନ୍ କରିଥିଲା । ଦଳ ପକ୍ଷରୁ ସାଇ ସୁଦର୍ଶନ ୫୩ଟି ବଲ୍‌ରୁ ସର୍ବାଧିକ ୮୨ରନ୍ କରିଥିଲେ ।

୨୧୮ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ରାଜସ୍ଥାନ ରୟାଲ୍ସ ୧୯ ଓଭର ୨ଟି ବଲ୍‌ରେ ମାତ୍ର ୧୫୯ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ । ଗୁଜରାଟ ଟାଇଟନ୍ସ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ତିନୋଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ସାଇ ସୁଦର୍ଶନ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ବିଜୟ ସହିତ ଗୁଜରାଟ ଟାଇଟନ୍ସ କ୍ରମାନ୍ୱୟ ଚତୁର୍ଥ ବିଜୟ ହାସଲ କରି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ରହିଥିବା ବେଳେ ରାଜସ୍ଥାନ ରୟାଲ୍ସ ସପ୍ତମ ସ୍ଥାନରେ ରହିଛି ।

ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ବେଙ୍ଗାଲୁରୁ ସ୍ଥିତ ଏମ୍.

ଚିନ୍ନା ସ୍ୱାମୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ଦିଲ୍ଲୀ କ୍ୟାପିଟାଲ୍ସ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତା ଅପରାଜୟ ରହିଛି ।

# ବ୍ୟାଡ୍‌ମିଣ୍ଟନ

ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିୟନ୍‌ସିପ୍‌ର ସିଙ୍ଗଲ୍ସ ବର୍ଗରେ ପି.ଭି. ସିନ୍ଧୁ, ପ୍ରିୟାଂଶୁ ରାଜାଓ୍ୱତ୍ ଓ କିରଣ ଜର୍ଜ୍ ପ୍ରିକ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଚୀନ୍‌ର ନିଙ୍ଗବୋ ଠାରେ ଚାଲିଥିବା ଦୁଇଥର ଅଲିମ୍ପିକ୍ ପଦକ ବିଜେତା ସିନ୍ଧୁ ମହିଳା ସିଙ୍ଗଲ୍ସବର୍ଗରେ ଗତକାଲି ପ୍ରାରମ୍ଭିକ ରାଉଣ୍ଡରେ ଇଣ୍ଡୋନେସିଆ ଇଷ୍ଟର ନୁରୁମି ଟ୍ରାଇ ଓ୍ୱାଡୟୋଙ୍କୁ ୨୧-୧୫, ୨୧-୧୯ ସେଟ୍‌ରେ ପରାସ୍ତ କରିଛନ୍ତି । ଆଜି ସେ ପରବର୍ତ୍ତୀ ପର୍ଯ୍ୟାୟରେ ଜାପାନ୍‌ର ଆକାନେ ୟାମାଗୁଚିଙ୍କୁ ଭେଟିବେ ।

ସେହିଭଳି ପୁରୁଷ ସିଙ୍ଗଲ୍ସବର୍ଗରେ କିରଣ ଜର୍ଜ୍ ଗତକାଲି କାଜାଖସ୍ତାନର ଡିମିତ୍ରି ପାନାରିନ୍‌ଙ୍କୁ ୨୧-୧୬, ୨୧-୮ରେ ପରାସ୍ତ କରିଛନ୍ତି । ଆଜି ଦ୍ୱିତୀୟ ରାଉଣ୍ଡରେ ଥାଇଲାଣ୍ଡର କୁନ୍‌ଲାଭୁତ୍ ଭିତିଡ୍‌ସାର୍ନ୍‌ଙ୍କ ସହିତ ତାଙ୍କର ମୁକାବିଲା ହେବ ।

ପ୍ରିୟାଂଶୁ ରାଜାଓ୍ୱତ୍ ଆଜି ଦ୍ୱିତୀୟ ରାଉଣ୍ଡରେ ଜାପାନର କୋଡାଇ ନାରାଓକାଙ୍କୁ ଭେଟିବେ । ଗତକାଲି ପ୍ରିୟାଂଶୁ ଥାଇଲାଣ୍ଡର କାଣ୍ଟାଫୋନ୍

ଓ୍ୱାଙ୍ଗ୍‌ଚାରୋୟେଙ୍କୁ ୨୦-୨୨, ୨୧-୧୨ ଓ ୨୧-୧୦ ସେଟ୍‌ରେ ପରାସ୍ତ କରିଥିଲେ ।

ପୁରୁଷ ଡବଲ୍ସ ବର୍ଗରେ ଭାରତର ରୁବନ କୁମାର ରେଥିନା-ସାବାପାଥି ଓ ହରିହରନ୍ ଆମସାକରୁନନ୍‌ଙ୍କ ଯୋଡ଼ି ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମାଲେସିଆର ଆରୋଁ ଚିୟା ଓ ଓ୍ୱି ଇକ୍ ଶୋଙ୍କ ଯୋଡ଼ିକୁ ଭେଟିବେ ।

ସେହିଭଳି ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ଧ୍ରୁବ କପିଳା ଓ ତାନିଶା କ୍ରାଷ୍ଟୋଙ୍କ ଯୋଡ଼ି ସହିତ ଆଜି ତାଇପେଇର ହଙ୍ଗ ଓ୍ୱି ଇ ଓ ନିକୋଲେ ଗୋଞ୍ଜାଲେସ୍ ଚାନ୍ ଯୋଡ଼ିର ମୁକାବିଲା ହେବାକୁ ଥିବା ବେଳେ ଅସୀତ ସୂର୍ଯ୍ୟ ଓ ଅମୃତା ପ୍ରମୁଥେସ୍ ଯୋଡ଼ି ଚୀନ୍‌ର ଝେନ୍ ବାଙ୍ଗ୍ ଜିୟାଙ୍ଗ୍ ଓ ୟା ଜିନ୍ ଓ୍ୱିଙ୍କ ଯୋଡ଼ିକୁ ଭେଟିବେ ।